ନିତି ଭାରତୀ

ସମ୍ପର୍କ ଚାରିଗୋଟି ନୀତି ଉପରେ ପର୍ଯ୍ୟବସିତ- ସମ୍ମାନ ପ୍ରଦର୍ଶନ, ବୁଝାମଣା, ଗ୍ରହଣ କରି ନେବା ଏବଂ ପସନ୍ଦ କରିବାର ମାନସିକତା। - **ମହାତ୍ମା ଗାନ୍ଧୀ**

ଭୋଟ୍ ଦେବା କାହାକୁ

ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ପ୍ରମୁଖ ରାଜନୈତିକ ଦଳର ମୁଖିଆଙ୍କ ବାସଭବନ ସାମ୍ନାରେ ଆଶାୟୀ ପ୍ରାର୍ଥୀଙ୍କ ଲମ୍ବା ଲାଇନ୍ ଲାଗିଛି। ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହେବ। ପ୍ରାର୍ଥୀଙ୍କ ଉପରେ ରାଜନୈତିକ ଦଳର ମୋହର ବସିବ। ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜନୈତିକ ଦଳ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କରି ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରେ। କେନ୍ଦ୍ର ସରକାର ପାର୍ଲାମେଣ୍ଟ ନିକଟରେ ଏବଂ ରାଜ୍ୟ ସରକାର ବିଧାନସଭା ସମ୍ମୁଖରେ ଉତ୍ତରଦାୟୀ। ସରକାରଙ୍କର କାର୍ଯ୍ୟପନ୍ଥା ସମ୍ବିଧାନ ଆଧାରରେ ପରିଚାଳିତ। ବିଡ଼ମ୍ବନା, ସରକାରଙ୍କୁ ନିୟନ୍ତ୍ରଣ କରୁଥିବା ରାଜନୈତିକ ଦଳ କାହାରି ନିକଟରେ ଉତ୍ତରଦାୟୀ ନୁହେଁ। ଗତ ଉପା ମେଣ୍ଟ ଶାସନ କାଳରେ ଦଳର ମୁଖ୍ୟ ସୋନିଆ ଗାନ୍ଧୀ କେତେ ଶକ୍ତିଶାଳୀ ଥିଲେ, ସମସ୍ତଙ୍କୁ ଜଣା। ସେ ଥିଲେ ଶାସନ ବ୍ୟବସ୍ଥାର ପ୍ରମୁଖ କେନ୍ଦ୍ରବିନ୍ଦୁ। କିନ୍ତୁ ଜନତାଙ୍କୁ ଜବାବ ଦେବା ପାଇଁ ସେ ବାଧ୍ୟ ନଥିଲେ। ଥରେ ଗୋଟିଏ ରାଜନୈତିକ ଦଳ ନିର୍ବାଚନ କମିଶନଙ୍କ ନିକଟରେ ପଞ୍ଜିକୃତ ହେବା ପରେ ଆଉ ସେ ଦଳ ଉପରେ କାହାରି ନିୟନ୍ତ୍ରଣ ନଥାଏ। ସମ୍ବିଧାନ ଏବଂ ନିର୍ବାଚନ କମିଶନ ଉଭୟ ଏ ସମ୍ପର୍କରେ ନିରବ ରହିଛନ୍ତି। ସରକାର ଏବଂ ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁ ଥିବାରୁ ରାଜନୈତିକ ଦଳର କାର୍ଯ୍ୟଧାରାରେ ଆଭ୍ୟନ୍ତରୀଣ ଲୋକତନ୍ତ୍ର, ଆର୍ଥିକ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ରହିବା ଅପରିହାର୍ଯ୍ୟ। ଯେଉଁ ରାଜନୈତିକ ଦଳର ଆଭ୍ୟନ୍ତରୀଣ ବ୍ୟାପାର ଏକତନ୍ତ୍ର ଆଧାରରେ ପ୍ରତିଷ୍ଠିତ, ଦେଶର ଶାସନ ପ୍ରକ୍ରିୟାରେ ସେହି ଦଳ କେବେହେଲେ ଲୋକତାନ୍ତ୍ରିକ ସିଦ୍ଧାନ୍ତକୁ ସମ୍ମାନ ପ୍ରଦର୍ଶନ କରିବ ନାହିଁ। ଭିତରେ ବ୍ୟକ୍ତିତନ୍ତ୍ର ଓ ବଂଶବାଦ ଏବଂ ବାହାରେ ଗଣତନ୍ତ୍ର-ଏହା କେବେହେଲେ ସମ୍ଭବ ନୁହେଁ। ବର୍ତ୍ତମାନ ପ୍ରାୟ ସମସ୍ତ ରାଜନୈତିକ ଦଳ (ସମ୍ଭବତଃ ବିଜେପିକୁ ବାଦ୍ ଦେଇ) ଏହି ପର୍ଯ୍ୟାୟର। ଦଳ ନିମନ୍ତେ ପ୍ରାର୍ଥୀ ଚୟନର ପ୍ରମୁଖ ମାନଦଣ୍ଡ ହେଉଛି- ପ୍ରାର୍ଥୀଙ୍କର ଜୟଲାଭ କରିବାର ସମ୍ଭାବନା। ଦଳୀୟ ଆନୁଗତ୍ୟ ସହିତ ଯାହାଙ୍କର ଜିତିବାର ସମ୍ଭାବନା ଯେତେ ବେଶୀ, ତାଙ୍କୁ ହିଁ ପ୍ରାର୍ଥୀ ଭାବେ ଚୟନ କରାଯାଏ। ବର୍ତ୍ତମାନ ପରିପ୍ରେକ୍ଷୀରେ ନିର୍ବାଚନରେ ଜିତିବା ପାଇଁ ଦୁଇଟି ଆୟୁଧ ଅପରିହାର୍ଯ୍ୟ- ଅର୍ଥ ବଳ ଓ ବାହୁ ବଳ। କେବଳ ଅପରାଧ ଜଗତ ସହିତ ପ୍ରତ୍ୟକ୍ଷ ବା ପରୋକ୍ଷ ସମ୍ପର୍କ ରଖିଥିବା ବ୍ୟକ୍ତି ହିଁ ଏଇ ଦୁଇଟି ଶକ୍ତିର ଅଧିକାରୀ ହୋଇ ପାରନ୍ତି, ଅନ୍ୟଥା ନୁହେଁ। ଏହା ସହିତ ଏବେ ଆଉ ଗୋଟିଏ ଦିଗ ଯୋଡ଼ି ହୋଇ ଯାଇଛି- ବଂଶବାଦ। ବିଧାୟକ କିମ୍ବା ସାଂସଦଙ୍କର ସନ୍ତାନ ବା ପତ୍ନୀ ହିଁ ଅଧିକ ଯୋଗ୍ୟ, ଏହି ପରିପ୍ରେକ୍ଷୀରେ ସେମାନଙ୍କ ନାମ ଚୟନ ତାଲିକାରେ ଯୋଡ଼ି ହୋଇ ଯାଉଛି।



ଅଭୟ ଦ୍ୱିବେଦୀ

ଦଳୀୟ ରାଜନୀତିର ଊର୍ଦ୍ଧ୍ୱକୁ ଉଠି ଜଣେ ସଚେତନ ଭୋଟର ଭାବେ ଆମେ ପ୍ରାର୍ଥୀଙ୍କର ଦୁଇଟି ଦିଗ ଅନୁଧ୍ୟାନ କରିବା- ଅପରାଧ ଜଗତ ସହିତ ତାଙ୍କର ସମ୍ପର୍କ ରହିଛି କି, କିମ୍ବା ସେ କୌଣସି ବିଧାୟକ, ମନ୍ତ୍ରୀ କିମ୍ବା ସାଂସଦଙ୍କର ସନ୍ତାନ ବା ବଂଶଧର ଅଟନ୍ତି କି ? ଏହାର ଦୁଇଟି କାରଣ ରହିଛି। ପ୍ରଥମତଃ: ଗଣତନ୍ତ୍ରର ପବିତ୍ର ମନ୍ଦିର, ବିଧାନସଭା ଏବଂ ଲୋକସଭାରେ କୌଣସି ଅପରାଧୀ ପ୍ରବେଶ ନ କରୁ। ଦ୍ୱିତୀୟତଃ: ବଂଶବାଦ ହେଉଛି ଗଣତାନ୍ତ୍ରିକ ବ୍ୟବସ୍ଥାର ପରିପନ୍ଥୀ। ତେଣୁ ବଂଶବାଦର ବିଲୋପରେ ଗଣତନ୍ତ୍ର ସମୃଦ୍ଧ ହୋଇ ପାରିବ। ୨୦୧୪ରେ ସମୁଦାୟ ନିର୍ବାଚିତ ୫୩୬ ସାଂସଦଙ୍କ ମଧ୍ୟରୁ ୧୧୫ ଜଣ ଗୁରୁତର ଅପରାଧିକ ମାମଲାରେ ଯୋଡ଼ି ହୋଇଥିଲେ। ୨୦୦୯ ତୁଳନାରେ ଏହା ୨୧% ବୃଦ୍ଧି ପାଇଥିଲା। ଆହୁରି ବିଡ଼ମ୍ବନା, ଏମାନେ ସମସ୍ତେ ବିତ୍ତଶାଳୀ ବ୍ୟକ୍ତି। ଏମାନେ ଘୋଷଣା କରିଥିବା ସମ୍ପତ୍ତିର ହାର ୧୦ କୋଟିରୁ ଅଧିକ। ବେନାମୀ ସମ୍ପତ୍ତିର ମୂଲ୍ୟ ଆକଳନ କରିବା ଆମମାନଙ୍କ ପକ୍ଷେ ଏତେ ସହଜ ନୁହେଁ। କିନ୍ତୁ ଖୁସିର କଥା, ୨୦୦୯ ତୁଳନାରେ ୨୦୧୪ ନିର୍ବାଚନରେ ବଂଶବାଦ ୨୯% ରୁ ୨୧% କୁ ହ୍ରାସ ପାଇଥିଲା। କାରଣ, ବିଜେପି ବଂଶବାଦକୁ ପ୍ରୋତ୍ସାହନ ଦେଉ ନ ଥିବାରୁ ଏହା ସମ୍ଭବ ହେଲା।

ପବ୍ଲିକ୍ ଇଣ୍ଟେରେଷ୍ଟ ଫାଉଣ୍ଡେସନ ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲେ- ଗମ୍ଭୀର ଅପରାଧିକ ମାମଲାରେ ଜଡ଼ିତ ବ୍ୟକ୍ତିଙ୍କୁ ନିର୍ବାଚନରେ ପ୍ରାର୍ଥୀ ଘୋଷଣା କରାଯିବା ଉପରେ ବିଧିବଦ୍ଧ କଟକଣା ଲାଗୁ କରାଯାଉ। ୨୦୧୮ ମସିହା ସେପ୍ଟେମ୍ବର ୨୫ ତାରିଖରେ ଏହି ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ନିର୍ବାଚନ କମିଶନଙ୍କୁ ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୧୦୦ ପୃଷ୍ଠା ସମ୍ବଳିତ ଏହି ରାୟରେ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ- ପ୍ରତ୍ୟେକ ପ୍ରାର୍ଥୀ ନିର୍ବାଚନ କମିଶନଙ୍କ ନିର୍ଦ୍ଧାରିତ ଫର୍ମରେ ତାଙ୍କର ସମସ୍ତ ଅପରାଧିକ ରେକର୍ଡ ଉଲ୍ଲେଖ କରିବେ। ଯଦି ସେ କୌଣସି ଦଳ ତରଫରୁ ପ୍ରାର୍ଥୀ ହୋଇଥାନ୍ତି, ତେବେ ସେହି ଦଳ ନିଜର ୱେବ୍‌ସାଇଟ୍‌ରେ ଏବଂ ଆଞ୍ଚଳିକ ଖବରକାଗଜରେ ସେହି ପ୍ରାର୍ଥୀଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ପରିବେଷଣ କରିବେ। କିନ୍ତୁ ରାଜନୈତିକ ଦଳଗୁଡ଼ିକର ଅତୀତକୁ ଅନୁଧ୍ୟାନ କଲେ ଏହାର କାର୍ଯ୍ୟକାରିତା ନେଇ ମନରେ ସନ୍ଦେହ ଆସିବା ସ୍ୱାଭାବିକ।

ସ୍ୱଚ୍ଛ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା ନିମନ୍ତେ ରାଜନୈତିକ ଦଳଗୁଡ଼ିକୁ ନିୟନ୍ତ୍ରଣ କରିବା ସୁପ୍ରିମ୍‌କୋର୍ଟ ଏବଂ ନିର୍ବାଚନ କମିଶନଙ୍କ ନିମନ୍ତେ ବଡ଼ ଆହ୍ୱାନ। ୨୦୧୪ ସାଧାରଣ ନିର୍ବାଚନରେ ସମୁଦାୟ ୧୬୮୭ ପଞ୍ଜିକୃତ ରାଜନୈତିକ ଦଳ ମଧ୍ୟରୁ ମାତ୍ର ୪୬୪ ଦଳ ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କୁ ବାଦ୍ ଦେଇ ଏଥି ମଧ୍ୟରୁ କେବଳ ୬ଟି ଜାତୀୟ ଦଳ- ଭାରତୀୟ ଜାତୀୟ କଂଗ୍ରେସ, ବିଜେପି, ସିପିଆଇ (ଏମ୍), ସିପିଆଇ, ଏନ୍‌ସିପି, ଏବଂ ବିଏସ୍‌ପିର ସ୍ଥିତି ଅନୁଧ୍ୟାନ କରିବା। ବିଏସ୍‌ପିର ୫୦୩ ପ୍ରାର୍ଥୀଙ୍କ ମଧ୍ୟରୁ କେହି ଜୟଯୁକ୍ତ ହୋଇ ନଥିଲେ ଏବଂ ଭୋଟ୍ ହାର ଥିଲା ୪.୧୪%। ବିଜେପିର ୪୨୮ ପ୍ରାର୍ଥୀଙ୍କ ମଧ୍ୟରୁ ଜୟଯୁକ୍ତ ହୋଇଥିଲେ ୨୮୨, ଭୋଟ୍ ହାର ୩୧%। ସିପିଆଇର ୬୭ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ଜିତିଥିଲେ, ଭୋଟ୍ ହାର ୦.୭୮%। ସିପିଆଇ(ଏମ୍)ର ୯୩ ପ୍ରାର୍ଥୀଙ୍କ ମଧ୍ୟରୁ ଜିତିଥିଲେ ୯, ହାର ୩.୨୫%। କଂଗ୍ରେସର ୪୬୪ ପ୍ରାର୍ଥୀଙ୍କ ମଧ୍ୟରୁ ଜିତିଥିଲେ ୪୪, ଭୋଟ୍ ହାର ୧୯.୩୧%। ୨୦୦୯ ନିର୍ବାଚନରେ ବିଜେପି ଏବଂ କଂଗ୍ରେସ ବ୍ୟତୀତ ଅନ୍ୟ ଦଳର ସ୍ଥିତି ପ୍ରାୟ ସମାନ ଥିଲା। ମନରେ ସ୍ୱାଭାବିକ ପ୍ରଶ୍ନ ଆସେ- କ୍ରମାଗତ ଦୁଇଟି ନିର୍ବାଚନରେ ଯଦି ଗୋଟିଏ ଜାତୀୟ ଦଳର ୧୦% ପ୍ରାର୍ଥୀ ଜୟଯୁକ୍ତ ନ ହୁଅନ୍ତି କିମ୍ବା ସେହି ଦଳ ସମୁଦାୟ ଭୋଟ୍ ସଂଖ୍ୟାର ୧୦% ଭୋଟ୍ ପାଇ ନଥାଏ (ଯେ କୌଣସି ଗୋଟିଏକୁ ଆଧାର ଭାବେ ଗ୍ରହଣ କଲେ) ସେ ଦଳର ସ୍ୱୀକୃତି ପ୍ରତ୍ୟାହାର କରା ନ ଯିବ କାହିଁକି ? ଗତ ନିର୍ବାଚନରେ ସମୁଦାୟ ପଞ୍ଜିକୃତ ୧୬୮୭ ଦଳ ମଧ୍ୟରୁ ୪୬୪ ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ଅବଶିଷ୍ଟ ୧୨୨୩ ଦଳର ସ୍ଥିତି କ'ଣ ? ସେମାନଙ୍କ ଉପରେ କାହାର ଅଙ୍କୁଶ ରହିଛି ? ସେଗୁଡିକ କେଉଁ ଉଦ୍ଦେଶ୍ୟରେ ଗଠନ କରାଯାଇଛି ? କେବଳ କଳା ଟଙ୍କାକୁ ଧଳା କରିବା ପାଇଁ ନା ପ୍ରଶାସନ ଉପରେ ରାଜନୈତିକ ହୁକୁମାତି ଜାହିର କରିବା ପାଇଁ ? ଏଭଳି ଅନେକ ପ୍ରଶ୍ନ ଆମକୁ ଆନ୍ଦୋଳିତ କରିବା ସ୍ୱାଭାବିକ।

ଦ୍ୱିତୀୟତଃ: ରାଜନୈତିକ ଦଳଗୁଡ଼ିକୁ ସୂଚନା ଅଧିକାର ଆଇନ ଅନ୍ତର୍ଗତ କରିବା ନିମନ୍ତେ ଦୀର୍ଘ ଦିନ ଧରି ପ୍ରୟାସ ଜାରି ରହିଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ। ୨୦୧୩ ମସିହା ଜୁନ୍ ୩ ତାରିଖରେ ମୁଖ୍ୟ ସୂଚନା କମିଶନର ସତ୍ୟାନନ୍ଦ ମିଶ୍ର ଏବଂ ଅନ୍ୟ ଦୁଇ କମିଶନର ଏମ୍‌ଏଲ୍ ଶର୍ମା ଏବଂ ଅନ୍ନପୂର୍ଣ୍ଣା ଦୀକ୍ଷିତଙ୍କୁ ନେଇ ଗଠିତ ପୂର୍ଣ୍ଣ ପୀଠଙ୍କର ଏକ ଯୁଗାନ୍ତକାରୀ ରାୟ ରାଜନୀତି ମହଲରେ ଆଲୋଡ଼ନ ଖେଳାଇ ଦେଇଥିଲା। '... ଏହି ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ଆମର ଦ୍ୱିଧା ନାହିଁ ଯେ ଭାରତୀୟ ଜାତୀୟ କଂଗ୍ରେସ, ବିଜେପି, ସିପିଆଇ (ଏମ୍), ସିପିଆଇ, ଏନ୍‌ସିପି, ଏବଂ ବିଏସ୍‌ପି ରାଜନୈତିକ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କଠାରୁ ଯଥେଷ୍ଟ ଆର୍ଥିକ ସହାୟତା ପାଇଛନ୍ତି, ତେଣୁ ସେଗୁଡ଼ିକୁ ସୂଚନା ଅଧିକାର ଆଇନ୍ ଅନ୍ତର୍ଗତ ଧାରା ୨ (ଏଚ୍) ଅନୁଯାୟୀ ସାର୍ବଜନୀନ ଅନୁଷ୍ଠାନ ଭାବେ ବିଚାର କରାଯିବ। ଆମ ଲୋକତାନ୍ତ୍ରିକ ବ୍ୟବସ୍ଥାରେ ରାଜନୈତିକ ଦଳଗୁଡ଼ିକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ସହିତ ଯେଉଁ କର୍ତ୍ତବ୍ୟ ସମାପନ କରୁଛନ୍ତି, ଧାରା ୨ (ଏଚ୍) ଆଧାରରେ ସେଗୁଡ଼ିକର ସାର୍ବଜନୀନ ଚରିତ୍ର ସୁସ୍ପଷ୍ଟ। ଏ ଏକ ବିଚିତ୍ର ଯୁକ୍ତି ଯେ ରାଷ୍ଟ୍ରର ଅନ୍ୟ ସମସ୍ତ ପ୍ରମୁଖ ସଂସ୍ଥା ସ୍ୱଚ୍ଛତା ଅବଲମ୍ବନ କରୁଥିବା ବେଳେ ରାଷ୍ଟ୍ରର ମହତ୍ତ୍ୱପୂର୍ଣ୍ଣ ସାଧନଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ରାଜନୈତିକ ଦଳ ସେଥିରୁ ବାଦ୍ ପଡ଼ିବ। ... ତେଣୁ ଭାରତୀୟ ଜାତୀୟ କଂଗ୍ରେସ, ବିଜେପି, ସିପିଆଇ (ଏମ୍), ସିପିଆଇ, ଏନ୍‌ସିପି, ଏବଂ ବିଏସ୍‌ପି ରାଜନୈତିକ ଦଳଗୁଡ଼ିକୁ ସାର୍ବଜନୀନ ସଂସ୍ଥା ଭାବେ ଘୋଷଣା କରାଗଲା।' ସୂଚନା ପ୍ରଦାନ ନିମନ୍ତେ ଛଅ ସପ୍ତାହ ମଧ୍ୟରେ ଅଧିକାରୀ ନିଯୁକ୍ତ କରିବା ପାଇଁ ଦଳର ସଭାପତି/ ସାଧାରଣ ସମ୍ପାଦକଙ୍କୁ ଏହି ରାୟରେ ନିର୍ଦ୍ଦେଶ ଦିଆ ଯାଇଥିଲା। ଏହା ସତ୍ତ୍ୱେ ନିଜକୁ ଆଇନ୍‌ର ଊର୍ଦ୍ଧ୍ୱରେ ରଖି ନିରଙ୍କୁଶ ପ୍ରତିପତ୍ତି ଭୋଗ କରୁଥିବା ରାଜନୈତିକ ଦଳର ଅହମିକା ଭାଙ୍ଗିବା ନିମନ୍ତେ ଏ ରାୟ ଯଥେଷ୍ଟ ନଥିଲା। ଏହି ଐତିହାସିକ ରାୟ ସତ୍ତ୍ୱେ ଏ ପର୍ଯ୍ୟନ୍ତ ରାଜନୈତିକ ଦଳ ସୂଚନା ଅଧିକାର ଆଇନ୍ ପରିସରଭୁକ୍ତ ହୋଇ ପାରି ନାହାନ୍ତି। ଦଳୀୟ ସଂକୀର୍ଣ୍ଣତାର ଊର୍ଦ୍ଧ୍ୱକୁ ଉଠି ଆମେ ଭୋଟରମାନେ ଯଦି ଅପରାଧ ସହିତ ସମ୍ପୃକ୍ତ ଏବଂ ବଂଶବାଦୀ ପ୍ରାର୍ଥୀମାନଙ୍କୁ ପ୍ରତ୍ୟାଖାନ କରିବା, ହୁଏତ ରାଜନୈତିକ ଦଳଗୁଡ଼ିକର ଅହମିକା ଧୀରେ ଧୀରେ ଲୋପ ପାଇବ। ■

ଭଦ୍ରାଣୀ, ସାଲନ୍ଦୀ ନଗର, ଭଦ୍ରକ
ମୋ: ୯୪୩୭୧୯୧୩୫୦
saiabhay19@gmail.com

NITIDIN
ନିତିଦିନ
ଶୁକ୍ରବାର, ୧୫ ମାର୍ଚ୍ଚ ୨୦୧୯

ଅର୍ଥନୀତିର ଗତି

ସାରା ଦେଶରେ ନିର୍ବାଚନର ତାତି ଧୀରେ ଧୀରେ ଅନୁଭୂତ ହେବାରେ ଲାଗିଛି। ତାରିଖ ଘୋଷଣା ହେବା ପରେ ସବୁ ରାଜନୀତିକ ଦଳ ନିଜ ନିଜର ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରି ଦେଲେଣି। କିନ୍ତୁ ଯା ଭିତରେ ଦେଶର ଅର୍ଥନୀତିକ ଅବସ୍ଥାକୁ ନେଇ ଯେଉଁ ତଥ୍ୟସବୁ ଆସିଛି, ତାହା ସେତେ ଉତ୍ସାହପ୍ରଦ ବୋଲି କହିହେବ ନାହିଁ। ଆଉ ନିର୍ବାଚନ- ଅଭିମୁଖୀ ଅବସ୍ଥାରେ ଶାସକ ଦଳ ପାଇଁ ତ ଆଦୌ ସୁଖଦ ବୋଲି କୁହାଯାଇ ପାରିବ ନାହିଁ। ମଙ୍ଗଳବାର ଦିନ କେନ୍ଦ୍ର ସରକାର ଜାନୁଆରୀ, ୨୦୧୯ ପାଇଁ ଆଇଆଇପି (ଇଣ୍ଡେକ୍ସ ଅଫ୍ ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନ୍- ଶିଳ୍ପ ଉଦ୍ୟୋଗର ଉତ୍ପାଦନ ସମ୍ପର୍କିତ ସୂଚକାଙ୍କ) ଜାରି କରିଛନ୍ତି। ଏଥିରେ ପ୍ରକାଶିତ ତଥ୍ୟ ହିଁ ଉପରୋକ୍ତ କଥାକୁ ପୁଷ୍ଟ କରୁଛି। ଏହା ଦର୍ଶାଉଛି ଯେ ଡିସେମ୍ବର ମାସରେ ବ୍ୟାପକ ଉଦ୍ୟୋଗର ସମ୍ପ୍ରସାରଣ ୩ ପ୍ରତିଶତ ଥିବା ବେଳେ ଜାନୁଆରୀରେ ଏହା ୧.୩ ପ୍ରତିଶତ ସମ୍ପ୍ରସାରିତ ହୋଇଥିଲା ଯାହାର ଅର୍ଥ, ଉଦ୍ୟୋଗ କ୍ଷେତ୍ର ତା'ର ଗତିଶୀଳତାକୁ ହରାଇ ବସିଛି। ଗତ ବର୍ଷ ଅର୍ଥାତ୍ ଜାନୁଆରୀ ୨୦୧୮ରେ ଏହା ସର୍ବାଧିକ ୮.୭ ପ୍ରତିଶତ ହୋଇଥିବା ଦେଖା ଯାଇଥିଲା। ସେହିପରି ଗତ ବର୍ଷ ମୋଟାମୋଟି ଶିଳ୍ପ ଉତ୍ପାଦ ଅଭିବୃଦ୍ଧି ୭.୫ ପ୍ରତିଶତ ଥିବା ବେଳେ ଗତ ଡିସେମ୍ବରରେ ଏହା ଥିଲା ୨.୬ ପ୍ରତିଶତ ଏବଂ ଜାନୁଆରୀ ବେଳକୁ ଏହା ଅଧିକ ମାନ୍ଦା ହୋଇ ପହଞ୍ଚି ଥିଲା ୧.୭ ପ୍ରତିଶତରେ। ଏହାର କାରଣ, ପୂର୍ବ ବର୍ଷର ୨୩ଟି ଶିଳ୍ପ ଗୋଷ୍ଠୀ ମଧ୍ୟରୁ ବିନିର୍ମାଣ ବା ମ୍ୟାନୁଫ୍ୟାକ୍‌ଚରିଂ ଉଦ୍ୟୋଗ କ୍ଷେତ୍ରକୁ ନେଇ ଗଠିତ ୧୨ଟି ଉଦ୍ୟୋଗ ସଂକୁଚିତ ହୋଇ ଆସିଛନ୍ତି। ଏହି ହିସାବ ଅବଶ୍ୟ ତରବରିଆ ଭାବରେ କରାଯାଇଛି ଏବଂ ଏଥିରେ କିଛିଟା ପରିବର୍ତ୍ତନ ହୋଇପାରେ। କିନ୍ତୁ ବସ୍ତ୍ର, ଚମଡ଼ା ଓ ତତ୍‌ସମ୍ପର୍କିତ ଉତ୍ପାଦ, ଔଷଧ, ରବର ଏବଂ ପ୍ଲାଷ୍ଟିକ୍, ମୋଟର ଗାଡ଼ି ଇତ୍ୟାଦି କର୍ମନିଯୁକ୍ତି ସୃଷ୍ଟି କରୁଥିବା କେତେକ ଶିଳ୍ପର ପରିସର ହ୍ରାସ ପାଇବା ଅର୍ଥନୀତି ପାଇଁ ଏକ ସୁଖଦ ସୂଚନା ବୋଲି କ୍ୱଚିତ୍ କହିହେବ।

ଏଥିରେ ସନ୍ଦେହ ନାହିଁ ଯେ ସାମୂହିକ ଅର୍ଥନୀତିକ ଅଭିବୃଦ୍ଧି ଦୃଷ୍ଟିରୁ ବିଚାର କଲେ ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ତାଙ୍କର ପୂର୍ବସୂରୀ ୟୁପିଏ ସରକାରଙ୍କଠାରୁ ଉତ୍ତମ ପ୍ରଦର୍ଶନ କରିଥିବା କଥା କହିହେବ। କାରଣ, ୟୁପିଏ ସରକାରଙ୍କର ପ୍ରଥମ ଏବଂ ଦ୍ୱିତୀୟ ପାଳିରେ ଜିଡିପିର ଯୌଗିକ ବାର୍ଷିକ ଅଭିବୃଦ୍ଧି ହାର ଯଥାକ୍ରମେ ୭ ଏବଂ ୬.୨ ପ୍ରତିଶତ ଥିବା ବେଳେ ସେହି ତୁଳନାରେ ବର୍ତ୍ତମାନର ସରକାର ୭.୪ ପ୍ରତିଶତ ହାସଲ କରି ପାରିଛନ୍ତି। ତେବେ ଜିଡିପିର ଏହି ଅଭିବୃଦ୍ଧି ପ୍ରଶ୍ନବାଣରୁ ମୁକୁଳି ପାରିନାହିଁ। କେବଳ ବିରୋଧୀ ନୁହନ୍ତି, କେତେକ ବିଶେଷଜ୍ଞଙ୍କର ମଧ୍ୟ ଏହି ସଂଖ୍ୟା ବାବଦରେ ସନ୍ଦେହ ରହିଛି। ତେବେ ସେମାନଙ୍କ କଥାକୁ ବି ଯଦି ଅଣଦେଖା କରାଯାଏ, ତଥାପି ନିର୍ବାଚନ ପୂର୍ବରୁ ଏ ବାବଦରେ ଯାହା ତଥ୍ୟ ଉପଲବ୍ଧ ହୋଇଛି, ତାହା ସରକାରଙ୍କ ପାଇଁ ସେତେ ଉତ୍ସାହ ବର୍ଦ୍ଧକ ନୁହେଁ, ଯେହେତୁ ଲଗାତର ଭାବରେ ବର୍ତ୍ତମାନ ସୁଦ୍ଧା ଗତ ତିନୋଟି ତ୍ରୟମାସିକ ଅବଧିରେ ଜିଡିପି ଅଭିବୃଦ୍ଧି ହ୍ରାସ ପାଇଛି। ଡିସେମ୍ବର ୨୦୧୮ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକ ଅବଧିରେ ଦେଶର ଜିଡିପି ଅଭିବୃଦ୍ଧିର ହାର ଥିଲା ୬.୬ ପ୍ରତିଶତ ଯାହା ବର୍ତ୍ତମାନର ସରକାରଙ୍କ ଅମଳରେ ତୃତୀୟ ସର୍ବନିମ୍ନ ଅଭିବୃଦ୍ଧି।

କୃଷିଜାତ ପଦାର୍ଥର କାରବାରରେ ଦୁର୍ବଳ ଅବସ୍ଥା ଯୋଗୁଁ କୃଷି କ୍ଷେତ୍ରରୁ ଆୟ କମୁଥିବା ଫଳରେ ଗୋଟିଏ ପଟେ ଏହି କ୍ଷେତ୍ରରେ ସଂକଟ ଦେଖା ଦେଇଥିବା ବେଳେ ଅପର ପକ୍ଷରେ ଘୋର ସଙ୍କଟର ସମ୍ମୁଖୀନ ହୋଇଛି ଅଣକୃଷି ଅର୍ଥନୀତି ଭାବରେ ବିବେଚିତ ଶିଳ୍ପ କ୍ଷେତ୍ର। ଏହାର ଅର୍ଥ ଅଣକୃଷି ଉତ୍ପାଦ ଅପେକ୍ଷା କୃଷିଜାତ ପଦାର୍ଥର ମୂଲ୍ୟ ଅତି ଧୀମା ଗତିରେ ବଢୁଛି। ସିପିଆଇ (ଖାଉଟି ମୂଲ୍ୟ ସୂଚକାଙ୍କ) ଅନୁସାରେ ୨୦୧୭-୧୮ ଆର୍ଥିକ ବର୍ଷର ଏପ୍ରିଲରୁ ଫେବ୍ରୁଆରୀ ମାସ ମଧ୍ୟରେ ପନିପରିବା, ଡାଲିଜାତୀୟ ଶସ୍ୟ ଏବଂ ଚିନି ଇତ୍ୟାଦିର ମୂଲ୍ୟ ଯାହା ଥିଲା, ୨୦୧୮ ଏପ୍ରିଲରୁ ୨୦୧୯ ଫେବ୍ରୁଆରୀ ମଧ୍ୟରେ ତୁଳନାତ୍ମକ ଭାବରେ ସେସବୁର ମୂଲ୍ୟ ହ୍ରାସ ପାଇଛି। ଫଳରେ ସହରାଞ୍ଚଳର ଅଧିବାସୀମାନେ ପନିପରିବା, ଫଳ ଇତ୍ୟାଦିର ମୂଲ୍ୟକୁ ନେଇ ଆନନ୍ଦିତ ହେବା ବେଳେ କୃଷି କ୍ଷେତ୍ରର ଅର୍ଥନୀତିରେ ଉନ୍ନତି ନ ଘଟିବା ପର୍ଯ୍ୟନ୍ତ ବିନିର୍ମାଣ ସାମଗ୍ରୀଗୁଡ଼ିକ ପାଇଁ ଗ୍ରାମାଞ୍ଚଳର ଚାହିଦା କମ୍ ରହିବ। ଭବିଷ୍ୟତ କଥା ଚିନ୍ତା କରାଗଲେ ସାଉଦି ଆରବ ଯେହେତୁ ଅଶୋଧିତ ତୈଳ ଦରକୁ ଅଧିକ ଲାଭଦାୟକ କରିବା ନିମନ୍ତେ ଏହାର ଉତ୍ପାଦନ ଖର୍ଚ୍ଚକୁ କମ୍ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛି, ତେଣୁ ଭାରତର ଜାଳେଣି ଏବଂ ଶକ୍ତିଜନିତ ବ୍ୟୟ ଅଧିକ ସମୟ ପର୍ଯ୍ୟନ୍ତ ପ୍ରଦାନଯୋଗ୍ୟ ବା କମ୍ ରହିବାର ଆଶା ଦେଖାଯାଏ ନାହିଁ। ଏସବୁ ଦୃଷ୍ଟିରୁ ତେଣୁ ପ୍ରଶ୍ନ ଉଠେ- ନିର୍ବାଚନରେ ଏହା ବିଜେପି ଉପରେ କିଛି ବିପରୀତ ପ୍ରଭାବ ପକାଇବ କି ? ତେବେ ଯେ କୌଣସି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ପ୍ରତ୍ୟେକ ଜିନିଷକୁ ଅତ୍ୟନ୍ତ ସାବଧାନତାର ସହିତ ତର୍ଜମା କରିବାର ଆବଶ୍ୟକତା ରହିଛି। ନିର୍ବାଚନରେ ମତଦାନ କରୁଥିବା ସାଧାରଣ ଭୋଟରଟିଏ କେବଳ ଅର୍ଥନୀତିର ଅଙ୍କ କଷି ଭୋଟ୍ ଦିଏନାହିଁ। ଅର୍ଥନୀତିକ ଅବନତି ରାଜନୀତିକ ପ୍ରସଙ୍ଗ ହେବ କି ନା, ତାହା ନିର୍ଭର କରେ ବିରୋଧୀ ଦଳମାନେ ତାକୁ ପ୍ରସଙ୍ଗ ରୂପେ ଉପସ୍ଥାପିତ କରିବା ଉପରେ। ଦେଶର ଅର୍ଥନୀତିକୁ ସୁଧାରିବା ପାଇଁ ବିଜେପି ଅତୀତରେ କରିଥିବା କେତେକ ଭୁଲ୍‌କୁ ସୁଧାରିବାକୁ ପଦକ୍ଷେପ ନେଇଛି। କୃଷକମାନଙ୍କ ଅର୍ଥନୀତିକ ଅବସ୍ଥାରେ ଉନ୍ନତି ଘଟାଇବା ପାଇଁ ବଜେଟ୍‌ରେ ଆୟ ହସ୍ତାନ୍ତରଣ ଯୋଜନାର ବ୍ୟବସ୍ଥା କରିବା ଏହାର ଏକ ଉଦାହରଣ। ତେବେ ଦେଶର ଅର୍ଥନୀତିକ ପରିସ୍ଥିତିର ଉପରୋକ୍ତ ଅବସ୍ଥା ନିର୍ବାଚନ ଉପରେ କିଛି ପ୍ରଭାବ ପକାଉଛି କି ନାହିଁ, ତାହା ଜାଣିବା ପାଇଁ ମେ' ୨୩ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ■

ସାମର୍ଥ୍ୟ ଓ କ୍ଷମତା ସହ ପରିଚୟ

ଅନ୍ୟର କ୍ଷମତା ଓ ପ୍ରତିପତ୍ତି ଦେଖି ବେଳେବେଳେ ମଣିଷ ହାଇଁପାଇଁ ହୁଏ। ନିଜେ ସେମିତି ସ୍ଥିତିରେ ପହଞ୍ଚିବାକୁ ଚେଷ୍ଟା କରେ। ହେଲେ ଉପଯୁକ୍ତ ପଦବୀ ପାଇଁ ସେହି ମୁତାବକ ଯୋଗ୍ୟତା ବି ଥିବା ଦରକାର। ଏମିତି ସମୟ ଆସେ, ଯୋଗ୍ୟତା ନଥାଇ ବି ଉଚ୍ଚ ପଦବୀଟିଏ ମିଳିଯାଏ। ସେତବେଳେ ବ୍ୟକ୍ତି ସେହି କ୍ଷେତ୍ରକୁ ସମ୍ଭାଳି ପାରେନା। ତଳ କର୍ମଚାରୀମାନେ ଉପଯୁକ୍ତ ସମ୍ମାନ ଦିଅନ୍ତି ନାହିଁ। ଏ କ୍ଷେତ୍ରରେ ବ୍ୟକ୍ତି ବଞ୍ଚିଥାଏ, ମାତ୍ର ତା'ର ବ୍ୟକ୍ତିତ୍ୱର ମୃତ୍ୟୁ ହୁଏ। ତଥାକଥିତ ସାଧୁସନ୍ଥ ନିଜର ସାଧନାକୁ ନ ବୁଝି ଗୁରୁ ଆସନରେ ବସି ଯାଆନ୍ତି। ଫଳରେ ଅବସ୍ଥା ସଂକଟାପନ୍ନ ହୁଏ। ଅନେକ ମଣିଷ ଉପଯୁକ୍ତ ଯୋଗ୍ୟତା ନଥାଇ ପଦ ପ୍ରତିଷ୍ଠା ପାଇଁ ଉଚ୍ଚ ଆସନ ଚାହାନ୍ତି। କିନ୍ତୁ ଚତୁର ମଣିଷଟିଏ ଉଚ୍ଚ ଆସନରେ ଥିଲେ ବି ପରିସ୍ଥିତି ସହିତ ଖାପ ଖୁଆଇ ଚଳିଯାଏ। ଫଳରେ ଯଥୋଚିତ ସମ୍ମାନର ଅଧିକାରୀ ହୋଇ ରହିଥାଏ। ଏହାର ଏକ ଉଦାହରଣ।

ଜଙ୍ଗଲରୁ ବାଘଟିଏ ଯାଇ ଗାଁରେ ଅନେକ ଲୋକଙ୍କୁ ଘାଇଲା କରି ପକାଇଲା। ଉତ୍ତ୍ୟକ୍ତ ଲୋକମାନେ ବନ୍ଧୁକ ଧରି ବାଘକୁ ମାରିବାକୁ ଛକିଲେ। ଏକଥା ବିଲୁଆ ଜାଣିଗଲା। ବାଘକୁ ଜଣାଇ ଦେଲା। ଆଉ ଗାଁକୁ ନ ଯିବାକୁ ପରାମର୍ଶ ଦେଲା। ସେହି ଦିନଠାରୁ ବାଘ ସହିତ ବିଲୁଆର ଘନିଷ୍ଠ ବନ୍ଧୁତା ହେଲା। ସେହି ଜଙ୍ଗଲରେ ଥିବା ଏକ ବିରାଟ ପୋଖରୀକୁ ଦିନେ ବାଘ ପାଣି ପିଇବାକୁ ଆସିଥିଲା। ବିଲୁଆ ମନ ଦୁଃଖ କରି ବସିଥିଲା। ବିଲୁଆର ମନ ଦୁଃଖର କାରଣ ଜାଣିବାକୁ ବାଘ ଇଚ୍ଛା କଲା। ବିଲୁଆ କହିଲା- 'କ'ଣ କରିବି ? ଏବେ ଜଙ୍ଗଲରେ ଚଳିବା ଭାରି କଷ୍ଟ। ସମସ୍ତ ପ୍ରାଣୀ ନିଜ ନିଜ ଜାତି ଭିତରେ ଗୋଟିଏ ଗୋଟିଏ ଦଳ କରିଛନ୍ତି। କୌଣସି ଜୀବକୁ ଶିକାର କରି ମାରି ହେଉନି। କିମ୍ବା କେବେ ଶବଟିଏ ପଡ଼ିଲେ ତାହା ବି ଅଣ୍ଟୁନି। ଭୋକ ଉପାସରେ ରହିବାକୁ ପଡୁଛି। ଆପଣଙ୍କ ଭଳି ବନ୍ଧୁ ଥାଉ ଥାଉ ମୋ ପରିବାର ଉପାସରେ ରହୁଛି ! ଆପଣଙ୍କ ସହିତ ମୋର ସମ୍ପର୍କ ଅଛି ବୋଲି କାହା ଆଗରେ କହିବାକୁ ଲାଜ ଲାଗୁଛି।' ବାଘ ଭାବିଲା ବିଲୁଆକୁ କ୍ଷମତା ଦେଇଦେଲେ ସେ ମନ ଇଚ୍ଛା କୌଣସି ପଶୁଙ୍କୁ ମାରି ଖାଇ ପାରିବ। ତେଣୁ ବାଘ ସଭାଟିଏ ଡକାଇଲା। ସେହି ସଭାରେ ଘୋଷଣା କଲା- 'ବିଲୁଆ ମୋର ପରମ ବନ୍ଧୁ। ତାକୁ କ୍ଷମତା ଦେଉଛି ସେ ମନ ଇଚ୍ଛା ଯେ କୌଣସି ପ୍ରାଣୀଙ୍କୁ ଶିକାର କରି ପାରିବ।' ବିଲୁଆର ଖୁସି କହିଲେ ନସରେ। ସେ କ୍ଷମତା ସିନା ପାଇଗଲା, ହେଲେ ସେହି ଅନୁସାରେ ତା'ର ଶରୀରରେ ସାମର୍ଥ୍ୟ ନଥିଲା। ବାଘର ରଡ଼ିରେ ସମସ୍ତେ ଡରନ୍ତି। ବିଲୁଆ ରଡ଼ିରେ କିଏ କାହିଁକି ଡରିବ ? ବିଲୁଆ ଶିକାର କରୁଥିବା ପ୍ରାଣୀମାନେ ତ ବିଲୁଆଠୁ ବଳୁଆ, ତେଣୁ ଏମାନେ ବିଲୁଆକୁ ଖାତିର କଲେନି। ଏ ଘଟଣାରେ ବିଲୁଆ ବେଶୀ ମର୍ମାହତ ହେଲା। କାରଣ ତା' ପାଖରେ କ୍ଷମତା ଥିଲା, କିନ୍ତୁ କାହାରି ଉପରେ ପ୍ରୟୋଗ କରିପାରୁ ନଥିଲା। ଦିନେ ବିଲୁଆ ଖୁବ୍ ରାଗିଗଲା। ସେଇ ବାଟ ଦେଇ ଯାଉଥିବା ହାତୀ ଛୁଆକୁ ଆକ୍ରମଣ କଲା। ବିଚରା ହାତୀ ଛୁଆଟି ବିଲୁଆକୁ ଥୋଡ଼ ପାହାରରେ ଟାଣି ଆଣି ପାଦରେ ଦଳି ପକେଇ ଚାଲିଗଲା। ବିଲୁଆର ହାଡ଼ ଭାଙ୍ଗିଗଲା। ଗୋଟାଏ ଜାଗାରେ ପଡ଼ି ଯନ୍ତ୍ରଣାରେ ଚିତ୍କାର କରୁଥିଲା। ସେତିକି ବେଳେ ବାଘ ପହଞ୍ଚି ବିଲୁଆର ଦୁର୍ଦ୍ଦଶା ଦେଖି ସବୁ କଥା ଜାଣିଲା। ବାଘ କହିଲା- 'ମୁଁ ତୋତେ କ୍ଷମତା ଦେଲି। ତା' ବୋଲି ତୁ କ'ଣ ନିଜ ସାମର୍ଥ୍ୟକୁ ଭୁଲିଗଲୁ ? ହାତୀ ଛୁଆର ଓଜନ, ବଳ, ଆକାର ସହିତ ତୁ ନିଜକୁ ଟିକିଏ ତୁଳନା କଲୁନି ? ହାତୀକୁ ଆକଳନ କରି ପାରିଲୁନି ? କ୍ଷମତାର ଅପପ୍ରୟୋଗ କଲୁ ? କ୍ଷମତାର ଅପବ୍ୟବହାର କଲେ ତ ଦଣ୍ଡ ଭୋଗିବାକୁ ହୁଏ। ତୁ ସମ୍ରାଟ ଭାବରେ ଶିରିପା ବାନ୍ଧି ନିଜର ସାମର୍ଥ୍ୟ, ଯୋଗ୍ୟତାକୁ ତ ଭୁଲିଲୁ, ମୁଁ ଜଙ୍ଗଲ ମୁଲକର ରାଜା ବୋଲି ବି ଭୁଲିଗଲୁ। ଏବେ ତୋ କ୍ଷମତା ମୁଁ କାଢ଼ିନେଲି।'



ପଦାରବିନ୍ଦ

ଆଜିର ସମାଜରେ ଅନେକ କ୍ଷେତ୍ରରେ ଏ ସ୍ଥିତି ଦେଖାଯାଏ। ଧାର୍ମିକ କ୍ଷେତ୍ର, ବିଦ୍ୟାଳୟ, କାର୍ଯ୍ୟାଳୟ, ଚିକିତ୍ସାଳୟଠାରୁ ଆରମ୍ଭ କରି ଅନେକ ଅନୁଷ୍ଠାନରେ କିଛି ମଣିଷଙ୍କର ଅବସ୍ଥା ଠିକ୍ ଏ ବିଲୁଆ ପରି। ଯୋଗ୍ୟତା ନଥାଇ କ୍ଷମତା ମିଳିଗଲେ ତା'ର ଅପବ୍ୟବହାର କରନ୍ତି। ପରମାତ୍ମା ଦିନେ କ୍ଷମତାକୁ ଛଡ଼ାଇ ନେବେ- ଏଇ ଭାବନାରେ ଚଳିଲେ କ୍ଷମତା ଆମକୁ ବିପଥଗାମୀ କରିବ ନାହିଁ। ■

ନିଜକୁ ଭଲ ପାଉଥିବା ମଣିଷ

ସଚିବାଳୟର କିରାଣି ପଦବୀ ଛାଡ଼ିଲେ। କିରାଣି ପଦବୀରେ ପିଲା କୁଟୁମ୍ବକୁ ଭଲ ଭାବେ ପୋଷିବା ସେ ସମୟରେ କଷ୍ଟକର। ଅଳ୍ପ ଦରମାରେ ବଡ଼ ବଡ଼ ସ୍ୱପ୍ନ ଦେଖିବା ଓ ତାକୁ ପୂରଣ କରିବା ଅସମ୍ଭବ। ଏଇ କାରଣରୁ କିରାଣି ପଦବୀ ତ୍ୟାଗ କରି ରାଜଧାନୀରେ ଆରମ୍ଭ କଲେ ବ୍ୟବସାୟ। ଲକ୍ଷ୍ମୀଙ୍କ କୃପା ଦୃଷ୍ଟି ଓ ନିଜସ୍ୱ ଉଦ୍ୟମରେ ବ୍ୟବସାୟ ଭଲ ଚାଲିଲା। ସେ ପାଲଟି ଗଲେ କୋଟିପତି। ତିନୋଟି ପୁଅ ଓ ଗୋଟିଏ ଝିଅକୁ ନେଇ ଯେଉଁ ସ୍ୱପ୍ନସବୁ ଦେଖିଥିଲେ, ସେସବୁ ପୂରଣ ହେଲା। ଖୁସିରେ ଉତ୍‌ଫୁଲ୍ଲିତ ହୋଇ ପଡ଼ିଲେ ମଧ୍ୟବୟସ୍କ ବାପା। କିନ୍ତୁ ପୁତ୍ରମାନଙ୍କ ବିବାହ ପରଠାରୁ ଆରମ୍ଭ ହେଲା ଦୁର୍ଦ୍ଦିନ। ବିବାହ ପରେ ବାପାର ସ୍ୱପ୍ନରେ ଉଈ ଧରିବା ଆରମ୍ଭ କଲା। ଧୀରେ ଧୀରେ ତାଳୁରୁ ତଳିପା ଯାଏଁ ଗ୍ରାସ କଲା। ବୃଦ୍ଧ ପିତାମାତାଙ୍କଠାରୁ ନିଜର ହକ୍ ସମ୍ପତ୍ତି ନେଇ ଚାଲିଲେ ତିନି ପୁତ୍ର ଓ ପୁତ୍ରବଧୂ ନିଜ ନିଜ ବାଟରେ। ଝିଅ ବାହା ହୋଇ ଶାଶୁଘରେ ରହୁଥିଲା। କିନ୍ତୁ ଦଇବ ହେଲା ନିଷ୍ଠୁର। ସ୍ୱାମୀ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିବା ପରେ ବିଧବା ଝିଅ ଉପରେ ଅତ୍ୟାଚାର ଆରମ୍ଭ ହେଲା। କୋଳରେ ଛୋଟ ଛୁଆ। ଝିଅ ଆଶ୍ରା ଖୋଜି ଚାଲି ଆସିଲା ନିଜ ବାପାମାଆ ପାଖକୁ, ଟାଣ ଖରାରୁ ମୁକ୍ତି ଲାଗି ଶୀତଳ ଛାଇର ଆଶ୍ରାରେ ଯାଉଥିବା ପଥିକ ପରି। ଆରମ୍ଭ ହେଲା ନୂଆ ସମୀକରଣ। ନାତିଟୋକା ପଢ଼ିଲା ଓ ବଢ଼ିଲା। ଅବଶିଷ୍ଟ ସମ୍ପତ୍ତି ଯାହା ଥିଲା, ବାପାମାଆ ଝିଅ ଓ ନାତିକୁ ଦେଲେ। ଝିଅ ଓ ନାତି ବି କୋଟିପତି ବନିଗଲେ। ଏତିକି କହିଲା ବେଳକୁ କଣ୍ଠରୋଧ ହୋଇଗଲା କୋଟିପତି ବାପା କୃପାସିନ୍ଧୁଙ୍କର। ପ୍ରକାଶିତ ମୋର ଗୋଟେ ସ୍ତମ୍ଭକୁ ନେଇ ଆଲୋଚନା କ୍ରମରେ କହୁଥିଲେ ସେ ତାଙ୍କରୁ ଏଇ କାହାଣୀ। ତା' ପରେ ସେ ଅଭିଶାପ ଦେବା ଆରମ୍ଭ କଲେ ପୁଅମାନଙ୍କୁ। କହିଲି, ଆପଣ ସେମିତି ଅଭିଶାପ ଦିଅନ୍ତୁ ନାହିଁ। କାରଣ, ପିତାମାତାଙ୍କ ଅଭିଶାପ ତୁରନ୍ତ ଫଳବତୀ ହୋଇଯାଏ। ସନ୍ତାନଙ୍କର ଅନିଷ୍ଟ ଘଟିବ। କଥାକୁ ରୋକିବାକୁ ଯାଇ ସେ କହିଲେ, ଏମିତି ଅଭିଶାପ ଦେବାକୁ ସେମାନେ ବାଧ୍ୟ କରିଛନ୍ତି। ବାପାର କୋହ ଓ ଯନ୍ତ୍ରଣାକୁ ସେମାନେ ବୁଝିପାରି ନାହାନ୍ତି। ସେଥିପାଇଁ ବାପା ଉପରକୁ ହାତ ଉଠେଇ ଜୋର୍ କରି ସମ୍ପତ୍ତି ନେଇଛନ୍ତି। ଏମିତି କୁଳାଙ୍ଗାର ପୁଅ ଜନ୍ମ ହେବା ଅପେକ୍ଷା ବନ୍ଧ୍ୟା ହେବା ଭଲ। କିଛି ଉତ୍ତର ଦେବା ଆଗରୁ ସେ ପୁଣି କହିଲେ, ଅଭିଶାପ ଫଳବତୀ ହୋଇ ସାରିଛି ଆଜ୍ଞା ! ଏସବୁ ବେଶୀ ବାଟ ନୁହେଁ। ବେଶୀ ସମୟ ବି ଅପେକ୍ଷା କରିବାର ନାହିଁ। ଏବେ ବଡ଼ ପୁଅର ଝିଅ ରାଜଧାନୀରେ ଦୁର୍ନାମରେ ବେଶ୍ ନାଆଁ କମେଇଛି। ପୁଅ ମଦ ଓ ନିଶାରେ ଚୁର୍ ହୋଇ ନିତି ତା' ବାପାକୁ ମାରଧର କରୁଛି। ଜୋର୍ କରି ପଇସା ଛଡ଼େଇ ନେଉଛି। ପୁଅ ଓ ଝିଅର ଏମିତି କାର୍ଯ୍ୟରେ ମ୍ରିୟମାଣ ହୋଇ ତା' ଉପରେ ରୋଗସବୁ ମାଡ଼ି ବସିଲାଣି। ମୁଁ ବୁଢ଼ା ହୋଇ ଯଥେଷ୍ଟ ଭଲରେ ଅଛି। କିନ୍ତୁ ବୟସରେ ସାତସାନ ହୋଇ ରୋଗରେ ଛଟପଟ ହେଉଛି। ଅନ୍ୟ ଦୁହିଁଙ୍କର ଅବସ୍ଥା ବି ସେଇ ଏକା ପ୍ରକାରର। ପିଲାମାନେ ବାପାର ପଇସା ଉଡ଼ଉଛନ୍ତି। କାମଦାମ କିଛି ନାହିଁ। ଆହୁରି ଭୋଗିବେ ସେମାନେ। ବାପାମାଆଙ୍କୁ କଷ୍ଟ ଦେଇଛନ୍ତି ମାନେ ସେମାନେ ଏଇଠି ହିଁ କଷ୍ଟ ଭୋଗିବେ। ନର୍କକୁ ଯିବା ପାଇଁ ଅପେକ୍ଷା କରିବାର ନାହିଁ। ନିଜର କର୍ମ ହିଁ ଏଠି ନର୍କ ଓ ସ୍ୱର୍ଗ ଦେଖାଏ। ଝିଅଟି ଅଛି ବୋଲି ଶାନ୍ତିରେ ବୁଢ଼ାବୁଢ଼ୀ ବଞ୍ଚିଛୁ। ନହେଲେ କୋଟି କୋଟି ଟଙ୍କା ଥାଇ ବି ସମ୍ପତ୍ତିର ମାନେ କିଛି ନଥାନ୍ତା। ଯେମିତି ଲାଗୁଥିଲା ହୃଦୟ ଭିତରର କୋହକୁ ପ୍ରକାଶ କରି ଆଶ୍ୱସ୍ତି ଲାଭ କରୁଛନ୍ତି ସେ।

ଦ୍ୱିତୀ ଚନ୍ଦ୍ର ସାହୁ

କୃପାସିନ୍ଧୁ ବାବୁଙ୍କ କାହାଣୀ ଶୁଣିଲା ବେଳକୁ ମୋବାଇଲରେ ଏକ ବାର୍ତ୍ତା ପହଞ୍ଚିଲା। ଜୟପୁରରେ ଡବଲ ମର୍ଡର। ଘଟଣାର ତଦନ୍ତ ପରେ ଯାହା ତଥ୍ୟ ପଦାକୁ ଆସିଲା, ତାହା ସମସ୍ତଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଓ ପୀଡ଼ାଦାୟକ। ରୋଜଗାର ଅକ୍ଷମ ପୁଅର ଅବସରପ୍ରାପ୍ତ ପୁଲିସ ବାପାର ଅବସରକାଳୀନ ଅର୍ଥ ଓ ସମ୍ପତ୍ତି ଉପରେ ଲୋଭ। ପୁତ୍ରର ହାବଭାବ ଭଲ ନଥିବା ହେତୁ ପିତାମାତା ଦୂରେଇ ରହୁଥିଲେ ପୁଅଠାରୁ। କିନ୍ତୁ ପରବର୍ତ୍ତୀ ସମୟରେ ମିଥ୍ୟା ଅଭିନୟ ଛଳରେ ପିତାମାତାଙ୍କଠାରେ ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟା କଲା ସେ। କହିଲା, ଏଣିକି ସେ ବି ଭଲ ଭାବେ ବଞ୍ଚିବାକୁ ଚାହେଁ। ପିତୃତ୍ୱ ଓ ମାତୃତ୍ୱର ଅନ୍ଧରେ ଆଶ୍ରୟ ଦେଲେ ନିଜର ମୃତ୍ୟୁକୁ ଦୁହେଁ ପିତାମାତା। କିଛିଦିନ ରହଣି ପରେ ଦିନେ ରାତିରେ ମୁଣ୍ଡକୁ ଲୁହା ପାଇପ୍‌ରେ ବାଡ଼େଇ ମାରିଲା ପ୍ରଥମେ ବାପାଙ୍କୁ। ମାଆ ଉଠି ଘଟଣା ଜାଣିବା ବେଳକୁ ତା' ଉପରେ ସମାନ ଭାବେ ଆକ୍ରମଣ କଲା। ବର୍ବରତା ଏତିକିରେ ସରି ନଥିଲା। ସମ୍ପତ୍ତିର ମୋହରେ ଅତି ଅମାନୁଷିକ ଭାବେ ତାକୁ ପାଳିପୋଷି ବଡ଼ କରିଥିବା ବାପା ମାଆଙ୍କ ମୁହଁକୁ ଡ୍ରିଲିଂ ମେସିନ ସାହାଯ୍ୟରେ ଖିନ୍‌ଭିନ୍ କରିଥିଲା ରାକ୍ଷସ ଭାବେ। କିନ୍ତୁ ପୁଲିସ ନିକଟରେ ତା'ର ସବୁ ଚାଲାକି ଧରା ପଡ଼ି ଯାଇଥିଲା। ଆଉ ଗିରଫ ହେଲା ପୁଅ।

ସମାଜରେ ଏମିତି ଅନେକ ଘଟଣା ଘଟୁଛି। ପର ପାଇଁ ମଣିଷର ଦରଦ କମ୍ ରହିବା ସ୍ୱାଭାବିକ। କିନ୍ତୁ ନିଜ ଲୋକଙ୍କ ପାଇଁ ଆତ୍ମା କାନ୍ଦେ ଯଦି କିଛି ହୋଇଯାଏ। ସେଥିପାଇଁ ନିଜ ଲୋକଙ୍କ ମୃତ୍ୟୁରେ କଠୋର ହୃଦୟ ବି ତରଳି ଯାଏ ଆପେ ଆପେ। ଝରିପଡ଼େ ଲୁହ। ନିଜ ଭିତରେ ଖଣ୍ଡ ଖଣ୍ଡ ହୋଇଯାଏ ମଣିଷ। ତା' ସାମ୍ନାରେ ନାଚି ଉଠେ ସେଇ ଲୋକ ସମ୍ପର୍କିତ ଅତୀତର ଅନେକ ସ୍ମୃତି। ସେସବୁ ତାକୁ ବିବଶ କରାଏ। ଏଭଳି କ୍ଷେତ୍ରରେ କେତେକ ପୁଅ ସେମାନଙ୍କ ମୁଣ୍ଡକୁ ହାତ ପାଇଗଲେ ପାଲଟି ଯାଆନ୍ତି କୁଳାଙ୍ଗାର ! ଯାହାଙ୍କ ଲାଗି ଦୁନିଆ ସେମାନଙ୍କୁ ଚିହ୍ନେ ଓ ସେମାନେ ଦୁନିଆକୁ ଚିହ୍ନନ୍ତି, ସେହିମାନେ ହିଁ ପରବର୍ତ୍ତୀ ସମୟରେ ଆଶ୍ଚର୍ଯ୍ୟଜନକ ଭାବେ ପର ପାଲଟି ଯାଆନ୍ତି। ନିର୍ବେଦ ହୋଇ ଯାଆନ୍ତି। ଏଇ କ୍ରମରେ ବୁଦ୍ଧଦେବଙ୍କ ସମ୍ପର୍କିତ ଏକ କାହାଣୀ ମନେପଡ଼େ। ଏକଦା ବୁଦ୍ଧଦେବ ଶିଷ୍ୟମାନଙ୍କ ସହ ଆଲୋଚନା କରୁଥାନ୍ତି। ହଠାତ୍ ଜଣେ ଶ୍ରମଣ ପଚାରିଲେ, 'ମହାଭାଗ ! ଦୁନିଆ ଏତେ ଦୁଃଖୀ କାହିଁକି ? ମୃତ୍ୟୁରେ ଦୁଃଖ ଆସେ କାହିଁକି ?' ବୁଦ୍ଧଦେବ କହିଲେ, 'ମଣିଷ ଅନ୍ୟଠାରୁ ନିଜକୁ ଅଧିକ ଭଲ ପାଏ ବୋଲି ଦୁନିଆ ଦୁଃଖୀ। ଅନ୍ୟର ମୃତ୍ୟୁରେ ନିଜକୁ ନିଜେ ଭଲ ପାଇବା କିଛି ସମୟ ପାଇଁ ହେଉ ପଛେ କମିଯାଏ ବୋଲି ଦୁଃଖ ଓ କାନ୍ଦ ଫୁଟି ଆସେ ସ୍ୱାଭାବିକ ହୋଇ।' ବାସ୍ତବରେ ମଣିଷ ନିଜକୁ ଅଧିକ ଭଲ ପାଏ। ଯେଉଁମାନେ ଅନ୍ୟମାନଙ୍କ ଲାଗି ସାମାନ୍ୟତମ ଭାବେ ବି ଦରଦ ପ୍ରକଟ କରନ୍ତି, ସେତେବେଳେ ଦୁଃଖର ବିସ୍ଫୋରଣ ହୁଏ। ଫାଟିଯାଏ ସମୟ ଅସମୟ ନ ଦେଖି। ମଣିଷ ଶବ ପାଲଟି ଗଲେ ତ ଦୁଃଖ ଓଜାଡ଼ି ହୋଇ ପଡ଼େ ଆପେ ଆପେ। ପୁଅମାନଙ୍କର ଏଭଳି କରାମତିରେ କିଏ ନିଜେ ଶବ ପାଲଟି ଯାଏ ତ ଆଉ କାହାକୁ ଶବ କରି ଦିଆଯାଏ। ସେଥିପାଇଁ କୃପାସିନ୍ଧୁବାବୁ ତାଙ୍କର ମୃତ୍ୟୁ ପରର ଅନ୍ତ୍ୟେଷ୍ଟି କ୍ରିୟାରେ ଆଗ୍ରହ ରଖି ନାହାନ୍ତି। କୋଉ କାଳୁ ନିଜ ଶରୀରର ସମସ୍ତ ଅଙ୍ଗକୁ ଦାନ କରିଛନ୍ତି ନିଜକୁ ଶବ ସଜାଇ। ସେ ବୋଧହୁଏ ବେଶ୍ ଭଲ ଭାବେ ଜାଣି ସାରିଛନ୍ତି ଯେ କୁଳାଙ୍ଗାର ପୁଅ ବଂଶ ପାଇଁ ବିପଦ। ■

ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼ା
ମୋ: ୯୫୫୬୨୮୭୭୭୫
dwitisahu@gmail.com

ସମ୍ପାଦକଙ୍କୁ ପତ୍ର

ଯାତ୍ରାର ଅଶ୍ଳୀଳତା ଉପରେ ରୋକ୍ ଲଗାଯାଉ

ଏବେ ଯାତ୍ରା ଋତୁ ପାଖେଇ ଆସିଲାଣି। ହୋଲିକୁ ଲକ୍ଷ୍ୟ କରି ପ୍ରାୟ ସବୁ ଗ୍ରାମାଞ୍ଚଳ କିମ୍ବା ଅନୁଷ୍ଠାନମାନଙ୍କ ତରଫରୁ ମନୋରଞ୍ଜନ ପାଇଁ ଯାତ୍ରାର ଆୟୋଜନ କରାଯାଉଛି। ବିଶେଷକରି ଗ୍ରାମାଞ୍ଚଳମାନଙ୍କରେ ଆୟୋଜନ ହେଉଥିବା ଯାତ୍ରାସ୍ଥଳୀମାନଙ୍କରେ ପିଲାଠାରୁ ଆରମ୍ଭ କରି ବୟସ୍କମାନଙ୍କର ବି ଆସର ଦେଖିବାକୁ ମିଳେ। ମାତ୍ର ଏବେ ଦେଖାଯାଉଛି ଯେ ଯାତ୍ରାର ଚାହିଦା ଦିନକୁ ଦିନ ଯେତେ ବଢ଼ି ବଢ଼ି ଚାଲିଛି, ଯାତ୍ରାରେ ଅଶ୍ଳୀଳତା ପରିବେଷଣ ସେତେ ବଢ଼ିବାରେ ଲାଗିଛି। ଯାତ୍ରାରେ ନାମିଦାମୀ କଳାକାରମାନଙ୍କର ଟିକେ ମଜୁଆଳ ବା ଉତ୍କୃଷ୍ଟ ଅଭିନୟ ଦେଖିବା ପାଇଁ କାହାର ବା ଇଚ୍ଛା ନ ହୁଏ ! କିନ୍ତୁ କେତେକ ଯାତ୍ରାରେ କରା ଯାଉଥିବା ଡ୍ୟାନ୍ସରେ ଅଶ୍ଳୀଳତାକୁ ପ୍ରାଧାନ୍ୟ ଦିଆଯାଉଛି। ସାରା ଦିନର କ୍ଳାନ୍ତିରୁ ଟିକିଏ ସମୟ କାଢ଼ି ସାରା ରାତି ଅନିଦ୍ରା ରହି ପରିବାର ସହ ଯାତ୍ରା ଦେଖିବାକୁ ପସନ୍ଦ କରୁଥିବା ଆଜିର ଲୋକଙ୍କ ପାଇଁ ସତେ ଯେପରି ଆଉ ଯାତ୍ରା ଦେଖିବା ସମ୍ଭବପର ହେଉନାହିଁ। ବିଶେଷକରି ଯାତ୍ରା ପ୍ରାରମ୍ଭରୁ ପରିବେଷଣ କରାଯାଉଥିବା ନୃତ୍ୟରେ ଅଧିକ ଅଶ୍ଳୀଳତା ସୀମା ଲଙ୍ଘନ କରୁଛି। ସମସ୍ତେ ନହେଲେ ବି ଆମର କିଛି ଯୁବ ବର୍ଗ ଏଥିରୁ ବହୁତ ମାତ୍ରାରେ ଆନନ୍ଦ ଲାଭ କରୁଛନ୍ତି। କିନ୍ତୁ ଏହାର ସିଧାସଳଖ ପ୍ରଭାବ ଆମ ସମାଜ ଏବଂ ଛୋଟ ପିଲାଙ୍କ ଉପରେ ପଡୁଛି। ଗାଁ ଗହଳିରେ କରା ଯାଉଥିବା ଖୋଲା ପ୍ୟାଣ୍ଡେଲ୍ ଯାତ୍ରାରେ କୌଣସି ନିର୍ଦ୍ଦିଷ୍ଟ ବର୍ଗ ପାଇଁ କୌଣସି ପ୍ରତିବନ୍ଧକର ବ୍ୟବସ୍ଥା ନାହିଁ, ମାନେ କେଉଁ ଯାତ୍ରାରେ କେତେ ପରିମାଣରେ ଅଶ୍ଳୀଳତା ରହିଛି କି ରହିବ, ତାର ସୂଚନା ନାହିଁ। ଯଦି ସେମିତି ବ୍ୟବସ୍ଥା କରା ଯାଆନ୍ତା, ତା ହେଲେ ପରିବାରର କେଉଁ ବୟସର ପିଲା ଦେଖି ପାରିବ କି ନାହିଁ, ତାହାର ସମୀକ୍ଷା କରି ଯାତ୍ରା ଦେଖିବାର ଅନୁମତି ପ୍ରଦାନ କରାଯାଇ ପାରନ୍ତା। ଯଦି ଏହିପରି କରା ନଯାଇ ପାରୁଛି, ତା' ହେଲେ ଯାତ୍ରାରେ ଅଶ୍ଳୀଳତା ଉପରେ ରୋକ୍ ଲଗେଇବାକୁ ତଥା ତାକୁ ତଦାରଖ କରିବା ପାଇଁ ସେହି ସ୍ଥାନରେ ସରକାର ପୁଲିସ୍‌କୁ ନିୟୋଜନକୁ ନିଶ୍ଚିତ କରାଇଲେ ଯାତ୍ରା ପାର୍ଟିଗୁଡ଼ିକ ସତର୍କ ରହିବେ।

ଅମୀୟ ଭୂଷଣ ନାୟକ,
କଳାଶୁଣି, ସିମୁଳିଆ, ବାଲେଶ୍ୱର